# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

## ଜାକୁବ ଏକ ପ୍ରତାରକ



ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଉପଯୋଜକ: M. Kerr; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ପରମେଶ୍ୱର କେବେହେଲେ ତୁମ
ପରିବାରକୁ ଗୋଟିଏ ସନ୍ତାନ
ଦେଇଛନ୍ତି କି? କି ଆନନ୍ଦ, ରିବିକା
ଓ ଇସ୍‌ହାକଙ୍କର ଆନନ୍ଦ ଦ୍ୱିଗୁଣିତ
ହୋଇପାରେ, ପରମେଶ୍ୱର
ସେମାନଙ୍କୁ ଜାଆଁଳ ସନ୍ତାନ
ଦେବାକୁ ଯାଉଛନ୍ତି ।

ସନ୍ତାନମାନେ ରିବିକାଙ୍କ
ଉଦରରେ ବହୁତ କଷ୍ଟ କଲେ ।
ଯେତେବେଳେ ସେ ପ୍ରାର୍ଥନା
କଲେ ପରମେଶ୍ୱର ତାଙ୍କୁ
କହିଲେ ସେହି ଦୁଇ ସନ୍ତାନ
ଦୁଇଟି ଦେଶ ହୋଇଯିବେ -
ଏବଂ କନିଷ୍ଠ ଦୁହିଁଙ୍କ
ମଧ୍ୟରୁ ବୃହତ୍ତର ହେବ ।
ନିୟମିତ ଭାବରେ ଜ୍ୟେଷ୍ଠ
ହିଁ ବଡ଼ ହେବା କଥା । ସେ
ଯାହା ବି ହେଉ ସନ୍ତାନମାନେ
ଜନ୍ମଗ୍ରହଣ କଲେ ।



ଯାଆଁଳ ସନ୍ତାନ ମାନେ ଏକାପରି ନଥିଲେ । ଏଷୌ, ଯେ ଜ୍ୟୋଷ୍ଠ ସନ୍ତାନ, ତାଙ୍କ ଶରିରରେ ଅନେକ ଲୋମ ଥିଲା ଓ ସେ ଗୋଟିଏ ଭଲ ବଣୁଆ ଥିଲେ । ଯାକୁବ ଧିର ପ୍ରକୃତିର ଓ ଘରଭିତର କାର୍ଯ୍ୟ କରିବାକୁ ପସନ୍ଦ କରୁଥିଲେ । ପିତା ଇସ୍‌ହାକ ଜ୍ୟୋଷ୍ଠ ପୁତ୍ରଙ୍କୁ ଅଧିକ ପ୍ରେମ କଲେ । ଓ ମାତା ଯାକୁବଙ୍କୁ ଅଧିକ ପ୍ରେମ କଲେ ।



ଗୋଟିଏ ଦିନ, ଏଷୌ ଭୋକ ଅନୁଭବ କଲା । ମତେ କିଛି ଖାଇବା ଦିଅ, ସେ ଯାକୁବଙ୍କୁ କହିଲା । ତୁମର ଜନ୍ମ ଅଧିକାର ମତେ ବିକ୍ରୟ କର, ଯାକୁବ ଦାବି କଲେ । ଏଷୌ ପ୍ରଥମଜାତ ନିମନ୍ତେ ପରମେଶ୍ୱରଙ୍କର ପ୍ରତିଜ୍ଞାକୁ ଖାତିରି କଲେନାହିଁ ।



ସେ ଯାକୁବ ସହିତ ଚୁକ୍ତି କଲେ । ବର୍ତ୍ତମାନ୍ ଯଦି ତାଙ୍କ ପିତାଙ୍କର ମୃତ୍ତୁ ହୁଏ ତେବେ ଯାକୁବ ପରିବାରର ମୁଖିଆ ହେବେ ।

ସେହି ରାତ୍ରିରେ ପରମେଶ୍ୱର ଇସ୍‌ହାକଙ୍କୁ କଥା କହିଲେ । ମୁ ତୁମ୍ଭ ପିତା ଅବ୍ରାହାମଙ୍କର ପରମେଶ୍ୱର ଅଟୁ । ମୁ ତୁମ୍ଭ ସଂଗରେ ଅଛି । ମୁ ତୁମ୍ଭର ବଂଶଧରଙ୍କୁ ଆଶିର୍ବାଦ କରିବି । ଇସ୍‌ହାକ ପରମେଶ୍ୱରଙ୍କୁ ପୂଜାକରୁଥିଲେ ସୁଧା ତାଙ୍କର ପୁତ୍ର ଏଷୌ ବିଜାତିୟ ଗୋଷ୍ଠିରୁ ଦୁଇଟି ସ୍ତ୍ରୀଙ୍କୁ ବିବାହ କରିଥିଲେ, ଯେଉଁ ଲୋକମାନେ କି ପରମେଶ୍ୱରଙ୍କୁ ଧ୍ୟାନ ଦିଅନ୍ତି ନାହିଁ ।





ଇସ୍ହାକ ବୃଦ୍ଧାବସ୍ଥାରେ ଗତହେଲେ । ଦୟାକରି ମୋ ପାଇଁ
ତାଜା ମାଂସ ଆଣିଦିଅ, ସେ ଏଷୌକୁ କହିଲେ । ତାପରେ ମୁଁ
ତୁମ୍ଭକୁ ଆଶିର୍ବାଦ କରିବି । ଏହି ସ୍ୱତନ୍ତ୍ର ଆଶିର୍ବାଦ ପିତାଙ୍କ
ଠାରୁ ଜ୍ୟଷ୍ଠପୁତ୍ରଙ୍କ ନିମନ୍ତେ ଆବଶ୍ୟକ ଥିଲା । ଏଷୌ
ଶିକାର କରିବା ନିମନ୍ତେ ବ୍ୟସ୍ତ ହୋଇଗଲେ । କନ୍ତୁ ରିବିକା
ସବୁକିଛି ଶୁଣିଥିଲେ । ସେ ଚାହୁଁଥିଲେ ଯେ ଯାକୁବ
ଆଶିର୍ବାଦର ପାତ୍ର ଦୁଅନ୍ତି ।



ରିବିକା ଯୋଜନା କଲା । ସେ ଶିଘ୍ର ଇସ୍‌ହାକଙ୍କ ନିମନ୍ତେ ତାଙ୍କ ମନପସନ୍ଦ ଖାଦ୍ୟ ପ୍ରସ୍ତୁତ କଲେ, ଯାକୁବ ଏଷୌର ଅଙ୍ଗରଖା ପରିଧାନ କଲେ, ଛେଳିର ଛାଲ ଘେନି ତାହା ହସ୍ତରେ ଓ ଗଳଦେଶର ଗୁଡ଼ାଇ ଦେଲେ । ଇସ୍‌ହାକ ଭଲରେ ଦେଖି ପାରୁନଥିଲେ, ତେଣୁ ସେମାନେ ତାଙ୍କୁ ସହଜରେ ବାଞ୍ଛନା କରିପାରିଲେ ।

ଯାକୁବ ଇସ୍ହାକଙ୍କ ନିମନ୍ତେ ଖାଦ୍ୟ
ଘେନି ଆସିଲେ । ତୁମ୍ଭର ସ୍ୱର ଯାକୁବ ପରି
ଲାଗୁଛି, ଇସ୍ହାକ କହିଲେ, କିନ୍ତୁ ତୁମ୍ଭର
ହସ୍ତ ଏଷୌର ପରି ଲାଗେ । ସେ ଖାଦ୍ୟ
ଖାଇସାରିବା ପରେ, ଇସ୍ହାକ ତାଙ୍କ
ସାମନାରେ ଆଣ୍ଠୁମାଡ଼ିଥିବା
ପୁତ୍ରଙ୍କୁ ଆଶିର୍ବାଦ କଲେ ।





ଯାକୁବଙ୍କ ଚାଲିଯିବା ପରେ, ଏଷୌ ଇସ୍‌ହାକଙ୍କ ନିକଟକୁ ଆସିଲେ । ତୁମ୍ଭ ମନପସନ୍ଦର ଖାଦ୍ୟ ଏହିଠାରେ, ସେ କହିଲେ । ଇସ୍‌ହାକ ଜାଣିସାରିଥିଲେ ତାଙ୍କୁ ବାଞ୍ଛନା କରାଗଲା । ମୁ ଆଶିର୍ବାଦକୁ ବଦଳାଇ ପରିବି ନାହିଁ, ସେ କାନ୍ଦିପକାଇଲେ । ଏଷୌର ହୃଦୟରେ ଇର୍ଶ୍ୟାଭାବ ଜାତ ହେଲା । ସେ ଯାକୁବଙ୍କୁ ବଧ କରିବା ପାଇଁ ମନସ୍ଥ କଲେ ।



ଏଷୌର ଏ ପ୍ରକାର କଥା ରିବିକାର କର୍ଣ୍ଣଗୋଚ଼ର ହେଲା । ତୁମ୍ଭର ମାମୁଁଙ୍କ ନିକଟକୁ ପଳାୟନ କର, ସେ ଯାକୁବଙ୍କୁ କହିଲେ, ସେପର୍ଯ୍ୟନ୍ତ ସେଠାରେ ରୁହ ଯେ ପର୍ଯ୍ୟନ୍ତ ତୁମ୍ଭର ଭ୍ରାତା ତୁମ କରିଥିବା କାର୍ଯ୍ୟସବୁ ପାଶୋରି ନଯାଏ । ଯାକୁବ ତାଙ୍କ ମାତାଙ୍କ ପରିବାରରୁ ଗୋଟିଏ ସ୍ତ୍ରୀ ପସନ୍ଦ କରିପାରନ୍ତି ବୋଲି ଇସ୍‌ହାକ ସହମତି ପ୍ରକାଶ କଲେ । ତେଣୁ ଯାକୁବ ପିତାଙ୍କ ଗୃହ ଛାଡ଼ିଲେ ।

ସେହି ରାତ୍ରୀରେ, ଯାକୁବ
ଗୋଟିଏ ସ୍ଥାନରେ ଶୋଇନ
କରିବାକୁ ରହିଗଲେ ସେ
ଏକ ପ୍ରସ୍ତରକୁ ମସ୍ତକ
ତଳେ ଦେଇଥିଲେ ।



ସେ ଏକାକୀ ଥିଲେ, ହୋଇପାରେ
ସେ ଭୟଭିତ ଥିଲେ । କିନ୍ତୁ ସେ
ଏକାକି ନଥିଲେ । ପରମେଶ୍ୱର
ତାଙ୍କୁ ଅଦଭୂତ ଭାବରେ
ସ୍ୱପ୍ନଦ୍ୱାରା କଥା
କହିଲେ ।





ଆମ୍ଭେ ସଦାପ୍ରଭୁ ତୁମ୍ଭ ପୂର୍ବପୁରୁଷର ଇଶ୍ୱର, ଅବ୍ରାହାମ୍ ଓ ଇସ୍ହାକର ପରମେଶ୍ୱର ଅଟୁ । ମୁଁ ତୁମ୍ଭ ସହିତ ଅଛି । ଆମ୍ଭେ ଏହି ଦେଶ ତୁମ୍ଭକୁ ଓ ତୁମ୍ଭ ପୂର୍ବପୁରୁଷ ବଂଶକୁ ଦେବା । ତୁମ୍ଭ ପରିବାର ଦ୍ୱାରା ଜଗତର ସମସ୍ତ ପରିବାର ଆଶିର୍ବାଦ ପ୍ରାପ୍ତ ହେବେ । ସଦାପ୍ରଭୁ କହିବା ପରେ ଯାକୁବ ନିଦ୍ରାରୁ ଉଠିଲେ । ସେ ଭୟଭିତ ଥିଲେ ।

ଯାକୁବଙ୍କ ମାମୁଁ ତାଙ୍କୁ ଆଦରରେ ଗ୍ରହଣ କଲେ ।
ଯାକୁବ ତାଙ୍କର ମାମୁଁଙ୍କ ଝିଅ ରାହେଲ୍‌ଙ୍କୁ
ଭଲପାଇଲେ ଓ ଲାବାନ୍‌ଙ୍କ ପାଇଁ ସାତବର୍ଷ
ତାଙ୍କ ପାଖରେ ଦାସ୍ୟକର୍ମ କରିବା ପରେ
ତାଙ୍କୁ ବିବାହ କରି ପାରିଥିଲେ ।



କିନ୍ତୁ ସେହି ବିହାଘର ରାତ୍ରିରେ,
ଲାବାନ୍ ଯାକୁବଙ୍କୁ ପ୍ରବଞ୍ଚନା କଲେ ।

ସେ ତ ଲେୟା, ରାହେଲ୍ ନୁହେଁ ଯାକୁବ ଲାବାନଙ୍କୁ କହିଲେ । ତୁମେ ମୋତେ କାହିଁକି ପ୍ରତାରଣା କଲ । ଦେଶର ନିୟମାନୁଯାୟୀ ପ୍ରଥମେ ଜ୍ୟେଷ୍ଠ କନ୍ୟାର ବିବାହ କରିବା ଆବଶ୍ୟକ, ଲାବାନ୍ କହିଲେ । ବର୍ତ୍ତମାନ୍ ତୁମେ ରାହେଲ୍ଙ୍କୁ ମଧ୍ୟ ବିବାହ କର ଏବଂ ଆଉ ସାତ ବର୍ଷ ମୋହର ଦାସ୍ୟକର୍ମ କର । ଯାକୁବ ମାନିଲେ । ହୋଇପାରେ ସେ ନିଜେ ଇସ୍ହାକ ଓ ଏଷୌଙ୍କ ନିମନ୍ତେ କରିଥିବା କାର୍ଯ୍ୟ ମନେ କରିଥାଇ ପାରନ୍ତି ।



ଯାକୁବଙ୍କର ଏଗାର ପୁତ୍ର ଥିଲେ । ଅନେକ ବର୍ଷ ବିତିଯିବା ପରେ, ସେ ନିଜର ସମସ୍ତ ପରିବାରକୁ କିଣାନ୍ ଦେଶକୁ ନେଇଯିବାକୁ ଇଛା ପ୍ରକାଶ କଲେ । ତାଙ୍କର ପିତା ମାତା ସେଠାରେ ବାସ କରୁଥିଲେ । ଏବଂ ଏଷୌ ମଧ୍ୟ ସେଠାରେ ଥିଲେ, ଯେ କି ତାଙ୍କୁ ଜୀବନରେ ମାରିବାକୁ ଶପଥ କରିଥିଲେ ।



ଏହା ସୁରକ୍ଷିତ ଥିଲା କି? ଦିନେ ପରମେଶ୍ୱର ତାଙ୍କୁ ଫେରିଯିବାକୁ କହିଲେ । ଯାକୁବ ତାଙ୍କ ନିଜ ଗୃହକୁ ଯିବାକୁ ନିଜର ପରିବାର ଓ ପଶୁପଲକୁ ଏକତ୍ର କଲେ ।



ଏହା କି ପ୍ରକାରର ଯାତ୍ରା ଥିଲା । ଏଷୌ ଚ଼ାରିଶହ ଲୋକଙ୍କୁ ନେଇ ଯାକୁବଙ୍କୁ ଭେଟିବାକୁ ଆସିଲେ, କିନ୍ତୁ ସେ ଯାକୁବର କୌଣସି କ୍ଷତି କଲେ ନାହିଁ । ସେ ଯାକୁବଙ୍କୁ ଭେଟିବାକୁ ଦୌଡ଼ିଯାଇ ତାଙ୍କୁ ଜୋରରେ କୁଣ୍ଢାଇପକାଇଲେ । ଏଷୌ ଓ ଯାକୁବଙ୍କ ମଧ୍ୟରେ ପୁଣିଥରେ ବନ୍ଧୁତ୍ୱ ହେଲା, ଓ ଯାକୁବ ନିରାପଦରେ ଘରେ ପହଞ୍ଚିଲେ ।



ଜାକୁବ ଏକ ପ୍ରତାରକ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୨୫-୩୩

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ
ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ ।
ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ,
ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ
ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ
ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ
ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ
କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ
କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ
ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି ।
ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬